ଅନନ୍ତ କୃପାଶୀଳ , ଅପାର ଦୟାମୟ ଅଲ୍ଲାହଙ୍କ ନାମରେ ପ୍ରାରମ୍ଭ । (ବିସ୍ ମିଲ୍ଲାହି ଅରରହ୍ମାନ ଅରରହିମ୍)

# ଇସଲାମ

## ଏଥିରେ  ଇସଲାମ ବିଷୟରେ ଏକ ସଂକ୍ଷିପ୍ତ ବାର୍ତ୍ତା ଦର୍ଶାଯାଇଛି,  ଯେପରି ପବିତ୍ର କୁରାନ ଏବଂ ଧର୍ମପ୍ରଚାରକ/ ନବି(ସ.ଅ)ଙ୍କ ବାଣୀ ( ସୁନ୍ନତ)ରେ ଦର୍ଶାଯାଇଛି ।

( ପ୍ରମାଣର ଏକ ଛୋଟ ସଂସ୍କରଣ ) (୧)[1]

ଏହି ଲେଖଟି ହେଉଛି  ଏକ ଗୁରୁତ୍ୱପର୍ଣ୍ଣ ବାର୍ତ୍ତା ଯେଉଁଥିରେ ଇସଲାମର ଏକ ସଂକ୍ଷିପ୍ତ ସଜ୍ଞା ରହିଛି ଯାହା ଏହାର ମୂଳ ଉତ୍ସ କୁରାନ ଏବଂ ନବି (ସ.ଅ)ଙ୍କ ବାଣୀରୁ ଉତ୍ପନ୍ନ ଏହାର ଗୁରୁତ୍ୱପୂର୍ଣ୍ଣ ନୀତି , ଶିକ୍ଷା ଏବଂ ଗୁଣଗୁଡ଼ିକୁ ଦର୍ଶାଏ । ଏହି ବାର୍ତ୍ତା ସମସ୍ତ ମୁସଲମାନ ଓ ଅଣ - ମୁସଲମାନ ମାନଙ୍କ ପାଇଁ ତାଙ୍କ ନିଜ ଭାଷାରେ , ପ୍ରତ୍ୟେକ ସ୍ଥାନ, ଅବସ୍ଥା ଏବଂ ପରିସ୍ଥିତି ନିର୍ବିଶେଷରେ  ଉପଲବ୍ଧ ଅଛି ।

୧) ଇସଲାମ, ସମସ୍ତ ଲୋକଙ୍କ ପାଇଁ ଅଲ୍ଲାହଙ୍କ ବାର୍ତ୍ତା । ଏହା ଅନନ୍ତ ଈଶ୍ୱରୀୟ ବାର୍ତ୍ତା ।

୨) ଇସଲାମ ଏକ ଜାତି କିମ୍ଵା ଲୋକଙ୍କ ପାଇଁ ନିର୍ଦ୍ଦିଷ୍ଟ ଧର୍ମ ନୁହେଁ , ବରଂ ଏହା ସମସ୍ତ ଲୋକଙ୍କ ପାଇଁ ଅଲ୍ଲାହଙ୍କର ଧର୍ମ ଅଟେ ।

୩) ଇସଲାମ ହେଉଛି ଈଶ୍ୱରୀୟ ବାର୍ତ୍ତା ଯାହା ପୂର୍ବ ଧର୍ମପ୍ରଚାରକ ତଥା ଦୂତମାନଙ୍କର ବାର୍ତ୍ତାକୁ ପରିପୂର୍ଣ୍ଣ କରେ ।

୪) ନବି ମାନଙ୍କର ଧର୍ମ ଏକ ଅଟେ , କିନ୍ତୁ ସେମାନଙ୍କର ନିୟମ ଭିନ୍ନ ଅଟେ ।

୫) ଇସଲାମ କୁହେ ଯେ , ଯେମିତିକି ସମସ୍ତ ନବି ଆଦମ , ନୁହ, ଇବ୍ରାହିମ, ମୁସା, ଈସା , ମୁହମ୍ମଦ (ସ. ଅ) କହିଲେ , ବିଶ୍ୱାସ କରିବା ଯେ ଅଲ୍ଲାହ  , ସୃଷ୍ଟିକର୍ତ୍ତା, ପ୍ରଦାନକାରୀ , ଜୀବନ ପ୍ରଦାନକାରୀ ମାଲିକ ଅଟନ୍ତି ।

୬) ସର୍ବଶକ୍ତିମାନ ଅଲ୍ଲାହ ହେଉଛନ୍ତି ସୃଷ୍ଟିକର୍ତ୍ତା ଏବଂ ସେ ହିଁ କେବଳ ଉପାସନା ଯୋଗ୍ୟ ଏବଂ ତାଙ୍କ ବ୍ୟତୀତ ଅନ୍ୟ କାହାରିକୁ ଉପାସନା କରାଯିବା ଉଚିତ୍ ନୁହେଁ।

୭) ବ୍ରହ୍ମାଣ୍ଡରେ ଥିବା ପ୍ରତ୍ୟେକ ଜିନିଷର ସୃଷ୍ଟିକର୍ତ୍ତା ହେଉଛନ୍ତି ଅଲ୍ଲାହ  । ଆମେ ଯାହା ଦେଖୁ ଓ ଯାହା ଦେଖିପାରୁ ନାହୁଁ , ଏବଂ ଅନ୍ୟ ସମସ୍ତ ଜିନିଷ ଅଲ୍ଲାହଙ୍କ ଦ୍ୱାରା ସୃଷ୍ଟି । ଅଲ୍ଲାହ ଛଅ ଦିନରେ ପୃଥିବୀ ଓ ଆକାଶ ସୃଷ୍ଟି କରିଛନ୍ତି।

୮) ସର୍ବଶକ୍ତିମାନ ଅଲ୍ଲାହଙ୍କର        ଆଧିପତ୍ୟ  , ସୃଷ୍ଟି , ପରିଚାଳନା କିମ୍ଵା ଉପାସନାରେ କୌଣସି ଅଂଶୀଦାର ନାହାନ୍ତି ।

୯) ସର୍ବଶକ୍ତିମାନ ଅଲ୍ଲାହ ଜନ୍ମ ହୋଇନାହାନ୍ତି କିମ୍ଵା ସେ କାହାକୁ ଜନ୍ମ ଦେଇନାହାନ୍ତି ଏବଂ ତାଙ୍କ ସମାନ କେହି ନୁହେଁ ।

୧୦) ସର୍ବଶକ୍ତିମାନ ଅଲ୍ଲାହ କୌଣସି ଜିନିଷରେ ରୁହନ୍ତି ନାହିଁ କିମ୍ଵା ସେ ତାଙ୍କର କୌଣସି ସୃଷ୍ଟିରେ ଜଡିତ ନୁହଁନ୍ତି |

୧୧) ସର୍ବଶକ୍ତିମାନ ଅଲ୍ଲାହ ତାଙ୍କର ସେବକମାନଙ୍କ ପ୍ରତି ଦୟାଳୁ ଏବଂ ନ୍ୟାୟୀ ଅଟନ୍ତି । ସେଥିପାଇଁ ସେ ପବିତ୍ର ପୁସ୍ତକ ଓ ନବି/ ଧର୍ମପ୍ରଚାରକ ମାନଙ୍କୁ ପଠେଇଲେ ।

୧୨) ଅଲ୍ଲାହ ଅତ୍ୟନ୍ତ ଦୟାଳୁ ଅଟନ୍ତି । ପୁନରୁତ୍ଥାନ / ବିଚାର ଦିନ ସେ ହିଁ ସମସ୍ତ  ଜୀବଙ୍କର ବିଚାର କରିବେ ଯେତେବେଳେ ସେ ସମସ୍ତଙ୍କୁ ସେମାନଙ୍କର କବର/ସମାଧିରୁ ଉଠାଇବେ , ସେ ପ୍ରତ୍ୟେକଙ୍କୁ ତାଙ୍କ କର୍ମର ଫଳ ଦେବେ , ସେ ଭଲ ହେଉ କି ମନ୍ଦ। ଅଲ୍ଲାହଙ୍କ ବିଶ୍ୱାସୀ ଅର୍ଥାତ୍ ଭଲ କର୍ମ କରିଥିବା ବ୍ୟକ୍ତି ଅନନ୍ତ ସୁଖ ପାଇବେ ଏବଂ ଯେଉଁମାନେ ମନ୍ଦ କାର୍ଯ୍ୟ କରିଛନ୍ତି ସେମାନଙ୍କୁ ବଡ଼ ଦଣ୍ଡ ମିଳିବ ।

୧୩) ଅଲ୍ଲାହ ଆଦମଙ୍କୁ ମାଟିରୁ ସୃଷ୍ଟି କଲେ ଏବଂ ତାଙ୍କ ପରେ ତାଙ୍କ ବଂଶଧରମାନଙ୍କୁ ବହୁଗୁଣିତ କଲେ । ପ୍ରକୃତରେ ପ୍ରତ୍ୟେକ ବ୍ୟକ୍ତି ସମାନ ଏବଂ କୌଣସି ଜାତି ଅନ୍ୟ ଜାତିଠାରୁ ଶ୍ରେଷ୍ଠ ନୁହେଁ , କେବଳ ଧାର୍ମିକତା ବ୍ୟତୀତ ।

୧୪) ପ୍ରତ୍ୟେକ ଶିଶୁ ପ୍ରକୃତି ଅନୁସାରେ ଜନ୍ମ ହୁଏ |

୧୫) କୌଣସି ମନୁଷ୍ୟ ଭୁଲ ଭାବରେ ଜନ୍ମ ହୁଏ ନାହିଁ କିମ୍ଵା ଅନ୍ୟର ପାପର ଉତ୍ତରାଧିକାରୀ ହୁଏ ନାହିଁ ।

---

[1] ଏହି ବାର୍ତ୍ତାର ଆଉ ଏକ ନକଲ ଅଛି , ଯେଉଁଥିରେ ଥିବା ପ୍ରତ୍ୟେକ ପ୍ରସଙ୍ଗ ପବିତ୍ର କୁରାନ ଏବଂ ନବିଙ୍କ ସୁନ୍ନତରୁ ପ୍ରମାଣ ସହିତ ସଜ୍ଜିତ । ତେଣୁ ଆପଣ ଏହାକୁ ଲିଙ୍କ୍ ମାଧମରେ ଦେଖିପାରିବେ ।

୧୬) ମନୁଷ୍ୟମାନଙ୍କୁ ସୃଷ୍ଟି କରିବାର ଉଦ୍ଦେଶ୍ୟ ହେଉଛି କେବଳ ଅଲ୍ଲାହଙ୍କୁ ଉପାସନା କରିବା।

୧୭) ଇସଲାମ ପୁରୁଷ ଓ ମହିଳାମାନଙ୍କୁ ସମ୍ମାନ କରେ ଏବଂ ସେମାନଙ୍କୁ ସମ୍ପୂର୍ଣ୍ଣ ଅଧିକାର ପ୍ରଦାନ କରେ । ସେମାନଙ୍କୁ ନିଜର ସମସ୍ତ କାର୍ଯ୍ୟ , ପସନ୍ଦ ଓ ଆଚରଣ ପାଇଁ ଦାୟୀ କରିଥାଏ ଏବଂ ସେମାନଙ୍କୁ ଏପରି କୌଣସି କାର୍ଯ୍ୟ ପାଇଁ ମଧ ଦାୟୀ କରିଥାଏ , ଯାହା ନିଜକୁ କ୍ଷତି ପହଞ୍ଚାଉଥିବ ବା ଅନ୍ୟର କ୍ଷତି କରୁଥିବ ।

୧୮) ଏବଂ ସେ ଦାୟିତ୍ୱ , ପୁରସ୍କାର ଓ ଦଣ୍ଡ ଦୃଷ୍ଟିରୁ ପୁରୁଷ ଓ ମହିଳାମାନଙ୍କୁ ସମାନତା ପ୍ରଦାନ କରିଛନ୍ତି ।

୧୯) ଇସଲାମ ମହିଳାମାନଙ୍କୁ ସମ୍ମାନ ଦେଇଛି , ମହିଳାମାନଙ୍କୁ ପୁରୁଷଙ୍କର ଭଉଣୀ ଭାବରେ ବିବେଚନା କଲା ଏବଂ ଯଦି ସେ ସାମର୍ଥ୍ୟ ରଖିଥାଏ ତେବେ ମହିଳା ମାନଙ୍କର ସହାୟତା କରିବା ପାଇଁ ବାଧ୍ୟ । ଝିଅର ଦାୟିତ୍ୱ ତା ପିତା ଉପରେ ଏବଂ ଯଦି ପୁଅ ବୟସ୍କ ଏବଂ ସମର୍ଥ ହୋଇଥାଏ ତେବେ ତା ଉପରେ ମା ର ଦାୟିତ୍ୱ ରହିଛି ଏବଂ ସ୍ତ୍ରୀ ର ଦାୟିତ୍ୱ ତା ସ୍ୱାମୀ ବହନ କରିବ ।

୨୦) ମୃତ୍ୟୁ ଅନନ୍ତ ବିନାଶ ନୁହେଁ, ବରଂ ଏହା ହେଉଛି କାର୍ଯ୍ୟ ଗୃହରୁ ଦଣ୍ଡ ଗୃହକୁ ସ୍ଥାନାନ୍ତର । ମୃତ୍ୟୁ ଶରୀର ଏବଂ ଆତ୍ମାକୁ ଅନ୍ତର୍ଭୁକ୍ତ କରେ, ଏବଂ ପ୍ରାଣର ମୃତ୍ୟୁ ହେଉଛି ଶରୀରରୁ ବିଦାୟ , ପରେ ଏହା ପୁନଶ୍ଚ ଶରୀର ନିକଟକୁ ଫେରିଯାଏ ଅର୍ଥାତ୍ ବିଚାର ଦିନରେ ଜୀବିତ ହେବା । ଆତ୍ମା ମୃତ୍ୟୁ ପରେ ଅନ୍ୟର ଶରୀରକୁ ଗତି କରେ ନାହିଁ କିମ୍ବା ଏହା ଅନ୍ୟ ଶରୀରରେ କ୍ଲୋନ ହୁଏ ନାହିଁ ।

୨୧) ଇସଲାମ ବିଶ୍ୱାସର ମହାନ୍ ନୀତିଗୁଡିକ ଉପରେ ବିଶ୍ୱାସ କରିବାକୁ ଆହ୍ୱାନ କରେ , ଯାହା କି ଅଲ୍ଲାହ ଏବଂ ତାଙ୍କ ଦୂତଙ୍କ ଉପରେ ବିଶ୍ୱାସ , ଈଶ୍ୱରୀୟ ପୁସ୍ତକ ,ଯଥା - ତାଉରାତ୍, ଇଞ୍ଜିଲ , ଜବୁର ( ଏଗୁଡ଼ିକୁ ବଦଳା ଯିବା ପୂର୍ବରୁ / ଏଗୁଡ଼ିକ ବିକୃତ ହେବା ପୂର୍ବରୁ) ଏବଂ କୁରାନ୍ ଉପରେ ବିଶ୍ବାସ, ଧର୍ମପ୍ରଚାରକ/ ନବି ଓ ଦୂତ ମାନଙ୍କ ଉପରେ ବିଶ୍ୱାସ ଯାହା କି ମୁହମ୍ମଦ (ସ. ଅ) ଅଲ୍ଲାହଙ୍କର ନବି ଅଟନ୍ତି ଏବଂ ଶେଷ ଦିନରେ ବିଶ୍ୱାସ କରିବା ଏବଂ ଆମେ ଜାଣୁ ଯଦି ଏହି ଜଗତର ଜୀବନ ଶେଷ ହୋଇଥାନ୍ତା, ତେବେ ଏହି ଜୀବନ ଅବୈଧ ହୋଇଯାଆନ୍ତା , ଏବଂ ସମସ୍ତ ଭଲ ଓ ମନ୍ଦ ଭାଗ୍ୟରେ ସନ୍ତୁଷ୍ଟ ରହିବା ହିଁ ବିଶ୍ୱାସ (ଇମାନ୍ ) ଅଟେ ।

୨୨) ନବି/ ଧର୍ମପ୍ରଚାରକ ମାନେ ଅଲ୍ଲାହଙ୍କ ବିଷୟରେ ଯାହା କୁହନ୍ତି , ସେଥିରେ ସେମାନେ ନିର୍ଦ୍ଦୋଷ ଅଟନ୍ତି । ସେହିଭଳି ସେମାନେ ପ୍ରତ୍ୟେକ ବିଷୟରୁ ନିର୍ଦ୍ଦୋଷ ଅଟନ୍ତି ଯାହା ମନ /ବୁଦ୍ଧି ବିରୁଦ୍ଧରେ ଅଟେ , ସେମାନେ କେବଳ ସେହି କଥା କହିଛନ୍ତି ଯାହା ମନ ଓ ବୁଦ୍ଧି ସପକ୍ଷରେ ଅଟେ । ଉତ୍ତମ ନୈତିକତା ବିରୁଦ୍ଧରେ ମଧ ସେମାନେ କୁହନ୍ତି ନାହିଁ । ନବିଙ୍କର କାର୍ଯ୍ୟ ହେଉଛି ଅଲ୍ଲାହଙ୍କ କଥା / ଆଦେଶକୁ ସଠିକ୍ ଭାବରେ ଲୋକମାନଙ୍କ ନିକଟକୁ ପହଞ୍ଚାଇବା । ନବିମାନଙ୍କ ନିକଟରେ କୌଣସି ଈଶ୍ୱରୀୟ ଗୁଣ ନାହିଁ ଅର୍ଥାତ୍ ସେମାନେ ଅଲ୍ଲାହ ନୁହନ୍ତି । ବରଂ ସେମାନେ ଅନ୍ୟ ସମସ୍ତ ମନୁଷ୍ୟଙ୍କ ପରି ସାଧାରଣ ମନୁଷ୍ୟ ଅଟନ୍ତି , ଯାହାଙ୍କ ଦ୍ୱାରା ଅଲ୍ଲାହ ତାଙ୍କର ବାଣୀ ପ୍ରକାଶ କରିଥାନ୍ତି ।

୨୩) ଇସଲାମ ଉପାସନାର ମହାନ୍ କାର୍ଯ୍ୟଗୁଡ଼ିକର ନୀତି ସହିତ କେବଳ ଅଲ୍ଲାହଙ୍କ ଉପାସନା ପାଇଁ ଆହ୍ୱାନ କରେ , ଯାହା ହେଉଛି : ପ୍ରାର୍ଥନା , ଯାହା ଠିଆ ହୋଇ, ଆଣ୍ଠୁ ମାଡ଼ି , ମୁଣ୍ଡ ନୁଆଁଇ ପ୍ରଣାମ କରିବା, ଅଲ୍ଲାହଙ୍କୁ ସ୍ମରଣ କରିବା , ତାଙ୍କୁ ପ୍ରଶଂସା କରିବା ଏବଂ ନିବେଦନ କରିବା। ଯାହା ଦ୍ୱାରା ପାର୍ଥକ୍ୟ ଅଦୃଶ୍ୟ ହୋଇଯାଏ , ତେଣୁ ଧନୀ ଓ ଗରିବ , ମାଲିକ ଓ ଅଧସ୍ତନ ମାନେ ନମାଜ/ପ୍ରାର୍ଥନା ଓ ଜକାତ୍ ରେ ଗୋଟିଏ ଧାଡ଼ିରେ ରୁହନ୍ତି ଅର୍ଥାତ୍ ସମସ୍ତେ ସମାନ । ଜକାତ୍ ଯାହାକି ଅଲ୍ଲାହଙ୍କ ଦ୍ୱାରା ସ୍ଥିର କରାଯାଇଥିବା ସର୍ତ୍ତ ଓ ପରିମାଣ ଅନୁଯାୟୀ , ଅଳ୍ପ ପରିମାଣର ଅର୍ଥ ଅଟେ । ବର୍ଷରେ ଥରେ ଧନୀମାନଙ୍କର ଧନ ଗରିବ, ବିଧବା , ଅନାଥମାନଙ୍କୁ ଦେବା ବାଧ୍ୟତାମୂଳକ ଅଟେ ( ଅର୍ଥାତ୍ ଜକାତ୍ ଦେବା ) । ରମଜାନ ମାସର ଦିନରେ ଉପାସ କରିବା ଏବଂ ଉପାସ ଭାଙ୍ଗୁଥିବା ଜିନିଷରୁ ଦୂରେଇ ରହିବା , ଯାହା ପ୍ରାଣରେ ଇଚ୍ଛା ଏବଂ ଧୈର୍ଯ୍ୟ ବଢ଼ାଇଥାଏ ।ଜୀବନରେ ଅତିକମରେ ଥରେ ମକ୍କାହ ସହରରେ ଥିବା କାବା ନିକଟକୁ ଯାଇ ହଜ କରେ ( ଯଦି ସେ ସାମର୍ଥ୍ୟ ରଖୁଥାଏ) , ସେଠାରେ ଉଚ୍ଚ ନୀଚ ଭେଦଭାବ ନାହିଁ ।

୨୪) ଇସଲାମରେ ଉପାସନା କାର୍ଯ୍ୟକୁ ପୃଥକ୍ କରୁଥିବା ସବୁଠାରୁ ବଡ଼ ଜିନିଷ ହେଉଛି ସେମାନଙ୍କର ପଦ୍ଧତି , ସମୟ ଏବଂ ଅବସ୍ଥା ସର୍ବଶକ୍ତିମାନ ଅଲ୍ଲାହ ନିର୍ଣ୍ଣୟ କରିଥିଲେ ଏବଂ ତାଙ୍କ ନବି(ସ.ଅ)ଙ୍କ ନିକଟକୁ ପଠାଇଥିଲେ । କୌଣସି ମନୁଷ୍ୟ ସେଥିରେ ହସ୍ତକ୍ଷେପ କରିନାହାନ୍ତି । ଏହି ସମସ୍ତ ଉପାସନା କମ ହେଉ ବା ବେଶୀ ସମସ୍ତ ନବି (ସ.ଅ) ଙ୍କ ଦ୍ୱାରା ଆହ୍ୱାନ କରାଯାଇଥିଲା ।

୨୫) ଇସଲାମର ମେସେଞ୍ଜର ହେଉଛନ୍ତି ମୁହମ୍ମଦ ବିନ୍ ଅବଦୁଲ୍ଲା,ଯିଏ କି ଇସମାଇଲ ବିନ୍ ଇବ୍ରାହିମଙ୍କ ବଂଶଧର ଅଟନ୍ତି । ସେ ୫୭୧ ଖ୍ରୀଷ୍ଟାବ୍ଦରେ ମକ୍କାହରେ ଜନ୍ମଗ୍ରହଣ କରିଥିଲେ ଏବଂ ପରେ ମଦିନାକୁ ଯାଇଥିଲେ । ସେ ନବି ହେବା ପୂର୍ବରୁ ତାଙ୍କ ସହର ବାସୀଙ୍କ ସହିତ ଭୁଲ କାର୍ଯ୍ୟରେ ଅଂଶଗ୍ରହଣ କରୁ ନ ଥିଲେ କିନ୍ତୁ ଭଲ କାର୍ଯ୍ୟଗୁଡ଼ିକରେ ତାଙ୍କ ସହିତ ଯୋଗ ଦେଉଥିଲେ । ସେ ତାଙ୍କ ମିଶନ ପୂର୍ବରୁ ( ନବି ହେବା ପୂର୍ବରୁ) ବହୁତ ଭଲ ଚରିତ୍ରବାନ ଥିଲେ । ତାଙ୍କୁ ଲୋକମାନେ ଅଲ୍ ଅମିନ (ବିଶ୍ୱସ୍ତ /ସଚ୍ଚୋଟ) ବୋଲି ଡାକୁଥିଲେ । ଯେତେବେଳ ସେ ୪୦ ବର୍ଷର ହେଲେ ଅଲ୍ଲାହ ତାଙ୍କୁ ବଡ ଚମତ୍କାରି ଜିନିଷ ଦ୍ୱାରା ତାଙ୍କର ସାହାଯ୍ୟ କଲେ । ସେଥି ମଧ୍ୟରୁ ବଡ଼ ହେଉଛି କୁରାନ, ଯାହା କି ନବିମାନଙ୍କର ଚିହ୍ନ ଭିତରୁ ଗୋଟିଏ । ଯାହା କି ନବି (ସ. ଅ)ଙ୍କ ଚିହ୍ନ ଭାବରେ ଆଜି ପର୍ଯ୍ୟନ୍ତ ମହଜୁଦ ଅଛି ଏବଂ ଯାହା ଦ୍ୱାରା ଅଲ୍ଲାହ ଇସଲାମ ଧର୍ମକୁ ସମ୍ପୂର୍ଣ୍ଣ କରିଲେ ଏବଂ ନବି ମୁହମ୍ମଦ (ସ. ଅ) ଏହାକୁ ଲୋକମାନଙ୍କ ନିକଟକୁ ପହଞ୍ଚାଇ ଦେଲେ । ନବି (ସ. ଅ)ଙ୍କର ମୃତ୍ୟୁ ୬୩ ବର୍ଷରେ ହେଲା । ନବି ମୁହମ୍ମଦ (ସ. ଅ) ନବିମାନଙ୍କ ମଧ୍ୟରେ ଶେଷ ନବି ଅଟନ୍ତି । ଅଲ୍ଲାହ ତାଙ୍କୁ ଅବିଶ୍ୱାସ ଏବଂ ଅଜ୍ଞତାର ଅନ୍ଧକାରରୁ ଲୋକଙ୍କୁ ଆଲୋକକୁ ଆଣିବା ପାଇଁ ମାର୍ଗଦର୍ଶନ ଏବଂ ପ୍ରକୃତ ଧର୍ମ ସହିତ ପଠାଇଥିଲେ। ଅଲ୍ଲାହ ସାକ୍ଷ୍ୟ ଦିଅନ୍ତି ଯେ ସେ ନବି ମୁହମ୍ମଦ (ସ. ଅ)ଙ୍କୁ ଲୋକମାନଙ୍କୁ ତାଙ୍କ ଆଡ଼କୁ ଡାକିବା ପାଇଁ ପଠାଇଛନ୍ତି ।

୨୬) ଇସଲାମର ନିୟମ ଯାହା ମୁହମ୍ମଦ (ସ. ଅ) ଆଣିଥିଲେ , ତାହା ହେଉଛି ଈଶ୍ୱରୀୟ ବାର୍ତ୍ତା ଏବଂ ଈଶ୍ୱରୀୟ ନିୟମର ନିଷ୍କର୍ଷ । ଏହା ସିଦ୍ଧତାର ନିୟମ, ଏବଂ ଏଥିରେ ଲୋକଙ୍କ ଧାର୍ମିକତା ଏବଂ ସେମାନଙ୍କର ସାଂସାରିକ ଜୀବନ ରହିଛି | ଏହା ମୁଖ୍ୟତଃ ସଂରକ୍ଷିତ: ଲୋକମାନଙ୍କର ଧର୍ମ, ସେମାନଙ୍କର ରକ୍ତ, ସେମାନଙ୍କର ଅର୍ଥ, ସେମାନଙ୍କର ମନ ଏବଂ ସେମାନଙ୍କର ସନ୍ତାନଗଣ ।

୨୭) ଅଲ୍ଲାହ ଇସଲାମ ବ୍ୟତୀତ ଅନ୍ୟ କୌଣସି ଧର୍ମକୁ ଗ୍ରହଣ କରନ୍ତି ନାହିଁ , ଯାହା ନବି ମୁହମ୍ମଦ (ସ. ଅ) ଙ୍କ ଦ୍ୱାରା ଅଣାଯାଇଥିଲା । ଯିଏ ଇସଲାମ ବ୍ୟତୀତ ଅନ୍ୟ ଧର୍ମ ଗ୍ରହଣ କରେ ସେ ତାଙ୍କଠାରୁ ଗ୍ରହଣ କରାଯିବ ନାହିଁ।

୨୮) କୁରାନ ହେଉଛି ଏକ ପବିତ୍ର ପୁସ୍ତକ ଯାହା ଅଲ୍ଲାହ ନବି ମୁହମ୍ମଦ (ସ. ଅ) ଙ୍କୁ ପ୍ରକାଶ କରିଛନ୍ତି । ଏହା ସର୍ବଶକ୍ତିମାନ ଅଲ୍ଲାହଙ୍କର ବାକ୍ୟ । ଅଲ୍ଲାହ ମନୁଷ୍ୟ ଏବଂ ଜିନ୍ ମାନଙ୍କୁ ଚ୍ୟାଲେଞ୍ଜ କରିଛନ୍ତି ଯେ କେହି ଏହା ଭଳି ପୁସ୍ତକ ରଚନା କରନ୍ତୁ କିମ୍ବା ଏହା ପରି ଏକ ସୁରାହ/ପଦ। ଏହି ଚ୍ୟାଲେଞ୍ଜ ଆଜି ପର୍ଯ୍ୟନ୍ତ ମହଜୁଦ ଅଛି । ପବିତ୍ର କୁରାନ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଉତ୍ତର ଦେଇଥାଏ ,ଯାହା ଲକ୍ଷ ଲକ୍ଷ ଲୋକଙ୍କୁ ବିସ୍ମିତ କରିଥାଏ । ପବିତ୍ର କୁରାନ ଆଜି ପର୍ଯ୍ୟନ୍ତ ଆରବୀୟ ଭାଷାରେ ସଂରକ୍ଷିତ ରହିଛି, ଯେଉଁଥିରେ ଏହା ପ୍ରକାଶ ପାଇଥିଲା । ଏଥିରୁ ଆଜି ପର୍ଯ୍ୟନ୍ତ ଗୋଟିଏ ବି ଶବ୍ଦ ହଜିଯାଇ ନାହିଁ କିମ୍ବା ଗୋଟିଏ ବି ଶବ୍ଦ ଯୋଡ଼ା ଯାଇ ପାରିନାହିଁ । ଏହା ଏକ ମହାନ୍ ଚମତ୍କାରୀ ପୁସ୍ତକ , ଯାହାର ଅର୍ଥ ର ଅନୁବାଦ ପଢ଼ିବା ବା ବୁଝିବା ପାଇଁ ଯୋଗ୍ୟ । ସେହିପରି ଭାବରେ ନବି ମୁହମ୍ମଦ (ସ. ଅ) ଙ୍କ ବାଣୀ , ତାଙ୍କର ଶିକ୍ଷା ଏବଂ ଜୀବନୀ ସଂରକ୍ଷିତ ଏବଂ ପ୍ରସାରିତ ହୋଇଛି , ଯାହାକି ବିଶ୍ୱସ୍ତ ବର୍ଣ୍ଣନକାରୀଙ୍କ ଦ୍ୱାରା ବର୍ଣ୍ଣିତ ହୋଇଛି । ଯାହା ନବିଙ୍କ ଦ୍ୱାରା କୁହାଯାଉଥିବା ଆରବୀୟ ଭାଷାରେ ମୁଦ୍ରିତ ହୋଇଛି । ଏହାକୁ ଏବେ ଅନେକ ଭାଷାରେ ଅନୁବାଦିତ କରାଯାଇଛି । ପବିତ୍ର କୁରାନ ଏବଂ ନବିଙ୍କର ବାଣୀ ଇସଲାମର ନିୟମର ଏକ ମାତ୍ର ଉତ୍ସ । ଇସଲାମ ,ଏହା ସହିତ ଜଡିତ ବ୍ୟକ୍ତିବିଶେଷଙ୍କ କାର୍ଯ୍ୟରୁ ନିଆଯାଏ ନାହିଁ , ବରଂ ଏହା ଈଶ୍ୱରୀୟ ପ୍ରକାଶ କୁରାନ ଏବଂ ନବିଙ୍କ ବାଣୀରୁ ନିଆଯାଇଛି ।

୨୯) ଇସଲାମ ପିତାମାତାଙ୍କ ସହିତ ଦୟାର ଆଦେଶ ଦିଏ, ସେହିପରି ସନ୍ତାନମାନଙ୍କ ସହିତ ମଧ୍ୟ ଦୟାର ଆଦେଶ ଦିଏ, ସେମାନେ ମୁସଲମାନ ଥାନ୍ତୁ କି ନ ଥାନ୍ତୁ ।

୩୦) ଇସଲାମ ବକ୍ତବ୍ୟ ଓ କାର୍ଯ୍ୟରେ ନ୍ୟାୟର ଆଦେଶ ଦିଏ , ଏପରିକି ଶତ୍ରୁମାନଙ୍କ ସହିତ ମଧ୍ୟ ।

୩୧) ଇସଲାମ ସମସ୍ତ ସୃଷ୍ଟି ପ୍ରତି ଦୟାର ଆଦେଶ ଦିଏ ଏବଂ ଭଲ ନୈତିକତା ଏବଂ ଉତ୍ତମ କାର୍ଯ୍ୟ ପାଇଁ ଆହ୍ୱାନ କରେ ।

୩୨) ଇସଲାମ ପ୍ରଶଂସନୀୟ ନୈତିକତାକୁ ଆଦେଶ ଦେଇଥାଏ ଯେପରିକି ସଚ୍ଚୋଟତା, ବିଶ୍ୱସନୀୟତା, ସଠିକତା, ନମ୍ରତା, ସାହସ, ଦାନ, ଉଦାରତା, ଅଭାବୀ ଲୋକଙ୍କୁ ସାହାଯ୍ୟ କରିବା, ଦୁଃଖୀ ଲୋକଙ୍କୁ ସହାୟତା କରିବା, ଭୋକିଲା ଲୋକଙ୍କୁ ଖାଇବାକୁ ଦେବା, ଭଲ ପଡ଼ୋଶୀ ହେବା, ପାରିବାରିକ ସମ୍ପର୍କ ରକ୍ଷା କରିବା ଏବଂ ପଶୁମାନଙ୍କ ପ୍ରତି ଦୟାଳୁ ହେବା।

୩୩) ଇସଲାମ ଖାଦ୍ୟ ଏବଂ ପାନୀୟ ଭଳି ଭଲ ଜିନିଷକୁ ଅନୁମତି ଦିଏ, ଏବଂ ଏହା ହୃଦୟ, ଶରୀର ଏବଂ ଘରର ଶୁଦ୍ଧତାକୁ ଆଦେଶ ଦେଇଥାଏ, ତେଣୁ ଏହା ବିବାହକୁ ଅନୁମତି ଦେଇଥାଏ, ଯେପରି ନବି / ଧର୍ମପ୍ରଚାରକ ମାନେ ନିର୍ଦ୍ଦେଶ ଦେଇଛନ୍ତି।

୩୪) ବହୁ ଧର୍ମ ଏବଂ ଅବିଶ୍ୱାସ, ମୂର୍ତ୍ତି ପୂଜା କରିବା, ଜ୍ଞାନ ବିନା ଅଲ୍ଲାହଙ୍କ ବିରୁଦ୍ଧରେ କହିବା, ପିଲାମାନଙ୍କୁ ହତ୍ୟା କରିବା, ସମ୍ମାନଜନକ ପ୍ରାଣକୁ ହତ୍ୟା କରିବା, ପୃଥିବୀରେ ଦୁର୍ନୀତି ବିସ୍ତାର କରିବା, ପାରିବାରିକ ସମ୍ପର୍କ ଛିନ୍ନ କରିବା , ଯାଦୁ, ସ୍ପଷ୍ଟ ତଥା ଲୁକ୍କାୟିତ ଘୃଣ୍ୟତା, ବ୍ୟଭିଚାର ଏବଂ ଯୌନ ସମ୍ପର୍କ ଭଳି ଭୁଲ କାର୍ଯ୍ୟ ଗୁଡ଼ିକୁ ଇସଲାମ ନିଷେଧ କରିଛି , ସୁଧ, ମୃତ ମାଂସ ଖାଇବାକୁ ବାରଣ କଲା, ମୂର୍ତ୍ତି ଏବଂ ଭ୍ରୂଣ ପାଇଁ ବଳି ଦେବା, ଏବଂ ସେହି ମାଂସକୁ ଖାଇବାକୁ ବାରଣ / ନିଷେଧ କଲା। ନବି/ ଧର୍ମପ୍ରଚାରକମାନେ, ସମସ୍ତେ ଏହି ନିଷେଧ ଜିନିଷଗୁଡ଼ିକୁ ନିଷିଦ୍ଧ କରିବାକୁ ସହମତ ହୋଇଥିଲେ।

୩୫) ଇସଲାମ ମିଥ୍ୟା, ପ୍ରତାରଣା, ବିଶ୍ୱାସଘାତକତା, ଈର୍ଷା,ଚୋରି, ଅପରାଧ ଏବଂ ଅନ୍ୟାୟ ଭଳି ନିନ୍ଦନୀୟ ନୈତିକତାକୁ ବାରଣ କରେ ଏବଂ ଏହା ପ୍ରତ୍ୟେକ ମନ୍ଦ ଚରିତ୍ରକୁ ବାରଣ କରେ |

୩୬) ଇସଲାମ ଆର୍ଥିକ କାରବାରକୁ ବାରଣ କରେ ଯେଉଁଥିରେ ସୁଧ, କ୍ଷତି, ପ୍ରତାରଣା, ଅନ୍ୟାୟ, କିମ୍ବା ଠକେଇ, କିମ୍ବା ସମାଜ, ଲୋକ, ଏବଂ ବ୍ୟକ୍ତିବିଶେଷଙ୍କ ପାଇଁ ବିପଦ ଏବଂ ସାଧାରଣ କ୍ଷତି ଘଟାଇଥାଏ |

୩୭) ଇସଲାମ ମନର ସୁରକ୍ଷା କରିବା ପାଇଁ ଆସିଲା ଏବଂ ମନକୁ ନଷ୍ଟ କରୁଥିବା ପ୍ରତ୍ୟେକ ଜିନିଷକୁ ନିଷେଧ କଲା ,ଯେମିତିକି - ମଦ ପିଇବା । ଇସଲାମ ମନର ମହତ୍ତ୍ୱକୁ ବଢ଼ାଇଲା ଏହାକୁ ବାଧ୍ୟତାମୂଳକ କେନ୍ଦ୍ରରେ ପରିଣତ କଲା ଏବଂ ଏହାକୁ ଅନ୍ଧବିଶ୍ୱାସ ଏବଂ ଭୁଲ ପୂଜାପାଠରୁ ମୁକ୍ତ କଲା । ଇସଲାମରେ ଏପରି କୌଣସି ରହସ୍ୟ କିମ୍ବା ନିୟମ ନାହିଁ ଯାହା କେବଳ ଗୋଟିଏ ଶ୍ରେଣୀ ପାଇଁ ଧାର୍ଯ୍ୟ ହୋଇଥିବ। ଏହାର ସମସ୍ତ ନିୟମଗୁଡ଼ିକ ସୁସ୍ଥ ମନ ଏବଂ ନ୍ୟାୟ ଏବଂ ଜ୍ଞାନର ଆବଶ୍ୟକତା ଅନୁଯାୟୀ ଅଟେ |

୩୮) ଯଦି ମିଥ୍ୟା ଧର୍ମଗୁଡିକ ପ୍ରତିବାଦ ଏବଂ ବିଷୟଗୁଡ଼ିକୁ ବୁଝିପାରନ୍ତି ନାହିଁ, ଯାହା ମନକୁ ପ୍ରତ୍ୟାଖ୍ୟାନ କରେ,ତେବେ ଧର୍ମଗୁରୁମାନେ ଅନୁଗାମୀଙ୍କୁ ଧୋକା ଦେବେ ଯେ ଧର୍ମ ମନ/ ବୁଦ୍ଧି ଠାରୁ ଉପରେ ଏବଂ ସେହି କାରଣରୁ ଧର୍ମକୁ ବୁଝିବାର କୌଣସି ସ୍ଥାନ ନାହିଁ । ଯେତେବେଳେ ଇସଲାମ , ଧର୍ମକୁ ଏକ ଆଲୋକ ଭାବରେ ବିବେଚନା କରେ ଯାହା ମନର ପଥକୁ ଆଲୋକିତ କରେ; ସେତେବେଳେ ମିଥ୍ୟା ଧର୍ମର ଅନୁଗାମୀମାନେ ଚାହାଁନ୍ତି ଯେ ମଣିଷ ତାଙ୍କ ମନ ଛାଡି ସେମାନଙ୍କୁ ଅନୁସରଣ କରନ୍ତୁ ଏବଂ ଇସଲାମ ଚାହେଁ ଯେ ମଣିଷ ତାଙ୍କ ମନ ଜାଗ୍ରତ କରନ୍ତୁ , ଜିନିଷଗୁଡ଼ିକର ସତ୍ୟତା ଜାଣିବା ପାଇଁ |

୩୯) ଇସଲାମ ସଠିକ୍ ବିଜ୍ଞାନକୁ ଗୌରବାନ୍ୱିତ କରେ, ବୈଜ୍ଞାନିକ ଅନୁସନ୍ଧାନକୁ ଉତ୍ସାହିତ କରେ ଏବଂ ନିଜ ତଥା ଆମ ଚାରିପାଖରେ ଥିବା ବ୍ରହ୍ମାଣ୍ଡ ଉପରେ ବିଚାର ଏବଂ ପ୍ରତିଫଳନ ପାଇଁ ଆହ୍ୱାନ କରେ ଏବଂ ବିଜ୍ଞାନର ସଠିକ ବୈଜ୍ଞାନିକ ଫଳାଫଳ ଇସଲାମ ସହିତ ବିବାଦ କରେ ନାହିଁ |

୪୦) ଅଲ୍ଲାହ ଶେଷ ଦିନ / ବିଚାର ଦିନ (ଆଖିରତ୍) ରେ କେବଳ ଅଲ୍ଲାହଙ୍କ ଉପରେ ବିଶ୍ୱାସ କରିବା , ତାଙ୍କ ଆଦେଶ ମାନିବା ଏବଂ ତାଙ୍କ ନବି (ସ. ଅ) ଓ ଦୂତଙ୍କ ଉପରେ ବିଶ୍ୱାସ କରିବା ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟକୁ ଗ୍ରହଣ କରନ୍ତି ନାହିଁ । ତେବେ ଜଣେ ବ୍ୟକ୍ତି କିପରି ଅଲ୍ଲାହଙ୍କୁ ଅବିଶ୍ୱାସ କରିପାରିବ ଏବଂ ବିଶ୍ୱାସ କରିବ ଯେ ସେ ତାକୁ ପୁରସ୍କୃତ କରିବେ ? ଅଲ୍ଲାହ କୌଣସି ବ୍ୟକ୍ତିର ବିଶ୍ୱାସକୁ ସେ ପର୍ଯ୍ୟନ୍ତ ଗ୍ରହଣ କରନ୍ତି ନାହିଁ, ଯେ ପର୍ଯ୍ୟନ୍ତ ସେ ଅଲ୍ଲାହଙ୍କ ନବିମାନଙ୍କୁ ବିଶ୍ୱାସ ନକରିଛି ଏବଂ ମୁହମ୍ମଦ (ସ. ଅ) ଙ୍କୁ ନବି ବୋଲି ସ୍ୱୀକାର ନ କରିଛି ।

୪୧) ସମସ୍ତ ଈଶ୍ୱରୀୟ ବାର୍ତ୍ତାର ଲକ୍ଷ୍ୟ ହେଉଛି: ପ୍ରକୃତ ଧର୍ମ ପାଇଁ ମନୁଷ୍ୟକୁ ଅତିକ୍ରମ କରିବା ଦ୍ୱାରା ସେ ଅଲ୍ଲାହଙ୍କ ଶୁଦ୍ଧ ସେବକ ହୋଇପାରନ୍ତି , ଏବଂ ତାଙ୍କୁ ମନୁଷ୍ୟ, ବସ୍ତୁ କିମ୍ବା ଅନ୍ଧବିଶ୍ୱାସର ଦାସତ୍ୱରୁ ମୁକ୍ତ କରନ୍ତି। କିନ୍ତୁ ଇସଲାମ - ଯେପରି ଆପଣ ଦେଖନ୍ତି - ସେପରି କରିବାକୁ ବାରଣ କରେ । ଇସଲାମ ଅନୁସାରେ ବ୍ୟକ୍ତିମାନଙ୍କ ଠାରେ ଈଶ୍ୱରୀୟ ଗୁଣ ଅଛି ବୋଲି ଭାବ ନାହିଁ ଏବଂ ସେମାନଙ୍କୁ ସେମାନଙ୍କ ସ୍ଥିତିଠାରୁ ଉଚ୍ଚ କର ନାହିଁ, କିମ୍ବା ସେମାନଙ୍କୁ ପ୍ରଭୁ ଏବଂ ଦେବତା ବୋଲି ଭାବ ନାହିଁ |

୪୨) ଅଲ୍ଲାହ ଇସଲାମରେ ଅନୁତାପ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ହେଉଛି: ଜଣେ ବ୍ୟକ୍ତି ନିଜ ପ୍ରଭୁଙ୍କ ନିକଟକୁ ଯାଇ ପାପ ତ୍ୟାଗ କରେ ।ଇସଲାମ ମନୁଷ୍ୟର ପୂର୍ବ ପାପ ଗୁଡ଼ିକୁ ନଷ୍ଟ କରିଦିଏ ଏବଂ ଅନୁତାପ ମନୁଷ୍ୟର ପୂର୍ବ ପାପକୁ ଦୂର କରେ । ତେଣୁ ଜଣେ ବ୍ୟକ୍ତିର ମନୁଷ୍ୟ ଜାତି ସାମ୍ନାରେ ପାପ ସ୍ୱୀକାର କରିବା କୌଣସି ଆବଶ୍ୟକତା ନାହିଁ।

୪୩) ଇସଲାମରେ, ମନୁଷ୍ୟ ଏବଂ ଅଲ୍ଲାହଙ୍କ ମଧ୍ୟରେ ସମ୍ପର୍କ ପ୍ରତ୍ୟକ୍ଷ ଅଟେ, ତେଣୁ ନିଜ ଏବଂ ଅଲ୍ଲାହଙ୍କ ମଧ୍ୟରେ କାହାରିକୁ ମଧ୍ୟସ୍ଥି କରିବା ଆବଶ୍ୟକତା ନାହିଁ | ଇସଲାମ ଆମକୁ ମାନବ ଦେବତା କିମ୍ବା ଅଲ୍ଲାହଙ୍କ ସହିତ ତାଙ୍କ ପ୍ରଭୁତ୍ୱ କିମ୍ବା ଅଲ୍ଲାହଙ୍କ ସହଭାଗୀ ହେବାକୁ ବାରଣ କରେ |

୪୪) ଏହି ବାର୍ତ୍ତାର ଶେଷରେ ଆମେ ମନେ ରଖିଛୁ ଯେ ଲୋକମାନେ, ସମୟ, ଜାତୀୟତା, ଦେଶ, ଏପରିକି ସମସ୍ତ ମାନବ ସମାଜ ନିର୍ବିଶେଷରେ, ସେମାନଙ୍କର ଆଦର୍ଶ ଏବଂ ଲକ୍ଷ୍ୟରେ ଭିନ୍ନ ଏବଂ ସେମାନଙ୍କର ପରିବେଶ ଏବଂ କାର୍ଯ୍ୟରେ ଭିନ୍ନ ଅଟନ୍ତି । ସେମାନଙ୍କୁ ମାର୍ଗଦର୍ଶନ କରିବା ପାଇଁ ଜଣେ ନେତା, ଏକ ପ୍ରଣାଳୀ ଯାହା ସେମାନଙ୍କୁ ଏକତ୍ର କରେ, ଏବଂ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ଜଣେ ଶାସକ, ଏବଂ ପବିତ୍ର ନବି / ରସୁଲ ପ୍ରେରଣା ସହିତ ଏଥିପାଇଁ ଦାୟୀ ଥିଲେ | ଅଲ୍ଲାହ ଦର୍ଶାଇଛନ୍ତି ଯେ ଉତ୍ତମତା ଏବଂ ମାର୍ଗଦର୍ଶନର ମାର୍ଗ ସହିତ, ସେମାନଙ୍କୁ ମୋର ନିୟମ ସହିତ ଏକତ୍ର କର ଏବଂ ସେମାନଙ୍କ ମଧ୍ୟରେ ସତ୍ୟ ସହିତ ବିଚାର କର, ଯାହା ଦ୍ୱାରା ସେମାନଙ୍କର କାର୍ଯ୍ୟ ଏହି ନବିମାନଙ୍କର ଉତ୍ତର ଅନୁଯାୟୀ, ଏବଂ ସେମାନଙ୍କ ସମୟର ଈଶ୍ୱରୀୟ ବାର୍ତ୍ତାର ନିକଟତର ହେବ । ନବି ମାନଙ୍କୁ ପୃଥିବୀ ପୃଷ୍ଠକୁ ପଠାଇବାର ଧାରାରେ ଅଲ୍ଲାହ ମୁହମ୍ମଦ(ସ . ଅ )ଙ୍କୁ ଶେଷ ନବି ଭାବରେ ପଠାଇଛନ୍ତି। ମୁହମ୍ମଦ ( ସ.ଅ)ଙ୍କ ବାର୍ତ୍ତା , ନୀତି , ବାଣୀ ଓ ଜୀବନୀକୁ ଲୋକମାନଙ୍କ ପାଇଁ ଏକ ମାର୍ଗଦର୍ଶନ, ଦୟା, ଆଲୋକ ଏବଂ ଅଲ୍ଲାହଙ୍କ ଆଡକୁ ଯାଉଥିବା ପଥ ପାଇଁ ଏକ ମାର୍ଗଦର୍ଶିକା କରିଛନ୍ତି ।

୪୫) ତେଣୁ, ହେ ମଣିଷ ମୁଁ ତୁମକୁ ନିମନ୍ତ୍ରଣ କରୁଛି , ଅନୁକରଣ ଏବଂ ଅଭ୍ୟାସରୁ ବଞ୍ଚିତ ହୁଅ , ଏହା ମଧ୍ୟ ଜାଣିନିଅ ଯେ ମୃତ୍ୟୁ ପରେ ତୁମେ ତୁମ ଅଲ୍ଲାହଙ୍କ ନିକଟକୁ ଫେରିଆସିବ । ସେଥିପାଇଁ ତୁମେ ନିଜକୁ ଏବଂ ତୁମ ଚତୁଃପାର୍ଶ୍ୱରେ ଥିବା ପ୍ରତ୍ୟେକ ଜିନିଷକୁ ଦେଖ ଓ ଅଧ୍ୟୟନ କର । ଯାହା ଦ୍ୱାରା ତୁମେ ଠିକଭୁଲ ଜାଣିପାରିବ ଏବଂ ଇସଲାମ ଗ୍ରହଣ କର । ଯାହା ଦ୍ୱାରା ତୁମେ ଏହି ଦୁନିଆରେ ଏବଂ ପରବର୍ତ୍ତୀ ସମୟରେ ଅର୍ଥାତ୍ ମୃତ୍ୟୁ ପରେ ଖୁସିରେ ରହିବ । ଯଦି ତୁମେ ଇସଲାମ ଗ୍ରହଣ କରିବାକୁ ଚାହୁଁଛ , ତେବେ ତୁମକୁ କେବଳ ସାକ୍ଷ୍ୟ ଦେବାକୁ ପଡ଼ିବ ଯେ "ଅଲ୍ଲାହଙ୍କ ବ୍ୟତୀତ ଅନ୍ୟ କେହି ଈଶ୍ୱର ନୁହଁନ୍ତି ଏବଂ ମୁହମ୍ମଦ (ସ. ଅ) ଅଲ୍ଲାହଙ୍କର ନବି ଅଟନ୍ତି , ଏବଂ ଅଲ୍ଲାହଙ୍କ ବ୍ୟତୀତ ଅନ୍ୟ ଯାହାକୁ ବି ଉପାସନା କରାଯାଉଛି , ତୁମେ ତାହାକୁ ପ୍ରତ୍ୟାଖ୍ୟାନ କର । ଏଥିରେ ମଧ୍ୟ ବିଶ୍ୱାସ କର ଯେ ଅଲ୍ଲାହ ସମାଧିସ୍ଥ ପ୍ରତ୍ୟେକ ଲୋକଙ୍କୁ ଜୀବିତ କରିବେ । " ଯଦି ତୁମେ ଏହି ସାକ୍ଷ୍ୟ ଦିଅ ତେବେ ତୁମେ ମୁସଲମାନ ହୋଇଗଲ। ଏହା ପରେ ତୁମର ଅଲ୍ଲାହଙ୍କୁ ଉପାସନା କରିବା ଜରୁରୀ ଅଟେ । ଯାହାକି ନମାଜ ( ପ୍ରାର୍ଥନା) , ଜକାତ, ରୋଜା (ଉପବାସ) , ଏବଂ ହଜ (ଯଦି ସମ୍ଭବ ହୁଏ / ତୁମେ ଯଦି ଏଥି ପାଇଁ ସମର୍ଥ ହୁଅ) କରିବା ପାଇଁ ତୁମେ ବାଧ୍ୟ ଅଟ।

୧୧/୧୯/୧୪୪୧ ତାରିଖର ଏକ କପି |

ପ୍ରଫେସର ଡ. ମହମ୍ମଦ ବିନ୍ ଅବଦୁଲ୍ଲାହ ଅସ୍ ସୁହେମ ଲେଖିଛନ୍ତି ।

ଇସଲାମିକ୍ ଷ୍ଟଡିଜ୍ ବିଭାଗର ତତ୍କାଳୀନ୍ ଅବସରପ୍ରାପ୍ତ ପ୍ରଫେସର।

ଶିକ୍ଷା ମହାବିଦ୍ୟାଳୟ , କିଙ୍ଗ ସଉଦ୍ ବିଶ୍ୱବିଦ୍ୟାଳୟ ।

ରିୟାଜ, ସାଉଦି ଆରବ |

ଇସଲାମ ........................................................................................................................................ 1

ଏଥିରେ  ଇସଲାମ ବିଷୟରେ ଏକ ସଂକ୍ଷିପ୍ତ ବାର୍ତ୍ତା ଦର୍ଶାଯାଇଛି,  ଯେପରି ପବିତ୍ର କୁରାନ ଏବଂ ଧର୍ମପ୍ରଚାରକ/ ନବି(ସ.ଅ)ଙ୍କ ବାଣୀ ( ସୁନ୍ନତ)ରେ ଦର୍ଶାଯାଇଛି । ........................................................................................................ 1